ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ,
ସଂସ୍କୃତି ଭବନ, ଭୁବନେଶ୍ୱର - ୧୪.
*e mail : osnakademi@gmail.com Phone/Fax- 0674-2432697*

## ଓଡ଼ିଆ ନାଟକ ପରିବେଷଣ ନିମନ୍ତେ ନାଟକ ଚୟନ ନିୟମାବଳୀ

୧. ନାଟକ ଅନୁଷ୍ଠାନ ସୋସାଇଟି ରେଜିଷ୍ଟ୍ରେସନ ଆଇନ୍ ୧୮୬୦ ଦ୍ୱାରା ପଞ୍ଜିକୃତ ହୋଇଥିବା ଆବଶ୍ୟକ ।

୨. ନାଟକଟି ମୌଳିକ ହୋଇଥିବା ଆବଶ୍ୟକ ।

୩. ନାଟକର ପାଣ୍ଡୁଲିପି (ଡି.ଟି.ପି.) ସହ ସି.ଡ଼ି./ଡି.ଭି.ଡି/ପେନ୍‌ଡ୍ରାଇଭ ଜରିଆରେ ବିଜ୍ଞାପନର ୧୦ ଦିନ ମଧ୍ୟରେ ଏକାଡେମୀ କାର୍ଯ୍ୟାଳୟରେ ଡାକ ଯୋଗେ କିମ୍ବା କୋରିଅର ଯୋଗେ ପହଞ୍ଚିବା ଦରକାର । ନିର୍ଦ୍ଧାରିତ ସମୟ ସୀମା ପରେ କିମ୍ବା କୌଣସି ବ୍ୟକ୍ତିଙ୍କ ସହାୟତାରେ ପାଣ୍ଡୁଲିପି ଗ୍ରହଣୀୟ ନୁହେଁ ।

୪. ନାଟ୍ୟଦଳର ନାମ ସହିତ ଯୋଗାଯୋଗ ଠିକଣା (କ) ଇ-ମେଲ, (ଖ) ମୋବାଇଲ ନମ୍ବର, ପ୍ରଦାନ କରିବା ଆବଶ୍ୟକ ।

୫. ନାଟକର ନାମ ଓ ନାଟ୍ୟକାରଙ୍କର ନାମ ସହିତ ନାଟକ ପ୍ରଦର୍ଶନ ସକାଶେ ନାଟ୍ୟକାରଙ୍କର ଏକ ପ୍ରତିବାଦ ରହିତ ଘୋଷଣା ନାମା ରହିବା ଦରକାର ।

୬. ନାଟକ ପ୍ରଦର୍ଶନର ପ୍ରଥମ ଓ ଶେଷ ପରିବେଷଣର ସ୍ଥାନ ଓ ତାରିଖ ସୂଚନା ପ୍ରଦାନ କରିବାକୁ ଅନୁରୋଧ ।

୭. ନାଟକ ସମ୍ପର୍କରେ ଏକ ସଂକ୍ଷିପ୍ତ ସାରାଂଶ ଓଡ଼ିଆରେ ପ୍ରଦାନ କରିବା ସହିତ ନାଟ୍ୟନିର୍ଦ୍ଦେଶକଙ୍କ ଜୀବନୀ ଉପରେ ସଂକ୍ଷିପ୍ତ ବିବରଣୀ ଦେବା ଆବଶ୍ୟକ ।

୮. ଗୋଟିଏ ନାଟ୍ୟଦଳ ପକ୍ଷରୁ ଗୋଟିଏ ନାଟକକୁ ଗ୍ରହଣ କରାଯିବ । ନାଟକର ଅବଧି ୧୫୦ ମିନିଟ୍ ଭିତରେ ରହିବା ଦରକାର ।

୯. ନାଟକର ବିଷୟବସ୍ତୁ ଦେଶ କିମ୍ବା ଜାତି ବିରୋଧି ହୋଇନଥିବ । ଏଥିରେ କୌଣସି ଅଶ୍ଳୀଳ କିମ୍ବା ବ୍ୟକ୍ତି ବିଶେଷଙ୍କୁ ଆକ୍ଷେପ କଲାପରି ଆପତ୍ତିଜନକ ଦୃଶ୍ୟଶ୍ରାବ୍ୟ ସାମିଲ କରାଯିବ ନାହିଁ ।

୧୦. ନାଟକରେ ଅଂଶ ଗ୍ରହଣକାରୀ ଶିଳ୍ପୀ ମାନଙ୍କର ସଂଖ୍ୟା ସର୍ବୋଚ୍ଚ ୨୦ ଜଣଙ୍କ ମଧ୍ୟରେ ସୀମିତ ରହିବା ଆବଶ୍ୟକ ।

୧୧. ନାଟକ ଚୟନ କମିଟିର ନିଷ୍ପତ୍ତି ସର୍ବଶେଷ ଚୂଡାନ୍ତ ବୋଲି ଗ୍ରହଣ କରାଯିବ ।

୧୨. Website ରେ ଦରଖାସ୍ତର ନମୁନା ଉପଲବ୍ଧ ।

-0-